ଡି. ଆର୍. ମାଧବକ୍ରିଷ୍ଣାୟା

ବନାମ

ଆୟକର ଅଧିକାରୀ, ବାଙ୍ଗାଲୋର

*ଡିସେମ୍ବର 16*

*1953*

[ପତଞ୍ଜଳି ଶାସ୍ତ୍ରୀ ପ୍ରଧାନ ବିଚାରପତି, ମେହେର ଚାନ୍ଦ ମହାଜନ, ଏସ୍. ଆର୍. ଦାସ, ଗୁଲାମ ହାସନ ଏବଂ ଜଗନ୍ନାଥଦାସ, ନ୍ୟାୟମୂର୍ତ୍ତିବୃନ୍ଦ]

*ଅର୍ଥ ଅଧିନିୟମ (1950ର XXV), ଧାରା 13 ର ପ୍ରାବଧାନ- ଏହାର ବୈଧତା- ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 277 ।*

ଟିକସଦାତା, ମହୀଶୂର ରାଜ୍ୟରେ 1950 ମସିହା ଏପ୍ରିଲ 1 ତାରିଖ ପୂର୍ବରୁ ତାଙ୍କ ଦ୍ୱାରା ଉପାର୍ଜିତ ହୋଇଥିବା ଆୟ ଉପରେ ବାଙ୍ଗାଲୋରର ସ୍ୱତନ୍ତ୍ର ସର୍ଭେ ସର୍କଲର ଆୟକର ଅଧିକାରୀଙ୍କ ଆୟକର ଏବଂ ଅଧି-କର ଆକଳନ କରିବାର ଅଧିକାରିତା ଉପରେ ଆପତ୍ତି କରିଥିଲେ, ଏହି ଆଧାରରେ ଯେ ଭାରତୀୟ ଅର୍ଥ ଅଧିନିୟମ, 1950ର ଧାରା 13ର ପ୍ରାବଧାନ, ଯାହା ଆଧାରରେ ସେ ନିଜର କ୍ଷମତା ପ୍ରୟୋଗ କରୁଥିଲେ, ତାହା ପରିସର ବାହାରେ ଏବଂ ଅବୈଧ ଥିଲା, କାରଣ ସମ୍ବିଧାନ ପୂର୍ବରୁ ମହୀଶୂର ଆଇନ ଅନୁଯାୟୀ ଟିକସ ଆଦାୟ କରିବା ନିମିତ୍ତ ଭାରତୀୟ ଆୟକର ଅଧିନିୟମ ଅନୁଯାୟୀ ନିଯୁକ୍ତ କୌଣସି ଅଧିକାରୀଙ୍କୁ ପ୍ରାଧିକୃତ କରି ଏକ ଆଇନ ପ୍ରଣୟନ କରିବାର କ୍ଷମତା ସଂସଦର ନଥିଲା ।

ଏହା ଯୁକ୍ତି କରାଯାଇଥିଲା ଯେ (1) ସାଧାରଣ ସାମ୍ବିଧାନିକ ନୀତି ଆଧାରରେ, ସମ୍ବିଧାନ ପ୍ରଣୟନ ପୂର୍ବ ଅବଧି ସମ୍ବନ୍ଧରେ ପିଛିଲା ପ୍ରଭାବ ପକାଉଥିବା ଆଇନ ପ୍ରଣୟନ କରିବାର କୌଣସି କ୍ଷମତା କେନ୍ଦ୍ର ସଂସଦର ନଥିଲା, (2) ଅନୁଚ୍ଛେଦ 277 ଦ୍ୱାରା ମଧ୍ୟ ସଂସଦକୁ, ବର୍ତ୍ତମାନର ମାମଲା ଭଳି, ମହୀଶୂର ରାଜ୍ୟରେ ଏପରି ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନ କରୁଥିବା ଆଇନ ପ୍ରଣୟନ କରିବାକୁ ନିଷେଧିତ କରାଯାଇଥିଲା ।

ଏହା ବିଚାର କରାଯାଇଥିଲା ଯେ (ଯୁକ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି) (i) 1951ର ମାମଲା ସଂଖ୍ୟା 29ରେ ପ୍ରଦତ୍ତ ରାୟ ମାଧ୍ୟମରେ ସଂସଦର ଏପରି କ୍ଷମତା ଥିଲା, (ii) ସମ୍ବିଧାନର ପ୍ରାରମ୍ଭ ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଆଇନଗତ ଭାବେ ଆଦାୟ କରାଯାଉଥିବା ଟିକସକୁ ଜାରି ରଖିବା ଏବଂ ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ ମଧ୍ୟ ପୂର୍ବ ଭଳି ସମାନ ଉଦ୍ଦେଶ୍ୟରେ ସେଗୁଡ଼ିକର ପ୍ରୟୋଗକୁ ଅନୁଚ୍ଛେଦ 277 ପ୍ରାଧିକୃତ କରୁଥିବାବେଳେ, ଅନୁଚ୍ଛେଦରେ ଏପରି କିଛି

ନିହିତାର୍ଥର ଲିଖିତାଦେଶ ନାହିଁ ଯେ ଏପରି ଟିକସ ସେହି ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କର ଲାଗୁ, ମୂଲ୍ୟ ନିର୍ଦ୍ଧାରଣ ଏବଂ ସଂଗ୍ରହ ଜାରି ରହିବା ଉଚିତ, ଯେପରି ସମ୍ବିଧାନ ପୂର୍ବରୁ ଥିଲା, ଏବଂ ଅନୁଚ୍ଛେଦ 277ରେ ଏପରି କିଛି ନାହିଁ ଯାହା ସଂସଦକୁ ମହୀଶୂର ଅଧିନିୟମ ଅଧୀନରେ ଭାରତୀୟ ଆୟକର ଅଧିନିୟମ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଆୟକର ଏବଂ ଅଧି-କର ଆଦାୟ କରିବା ନିମିତ୍ତ ଏକ ଆଇନ ପ୍ରଣୟନ କରିବାରେ ବାଧା ସୃଷ୍ଟି କରିବ ।

ଦେୱାନୀ ଅପିଲ ଅଧିକରିତା: 1953 ର ଦେୱାନୀ ଅପିଲ ସଂଖ୍ୟା 209 ଏବଂ 210 ।

1953 ର 20 ଏବଂ 21 ନମ୍ବର ଦେୱାନୀ ଆବେଦନରେ ବାଙ୍ଗାଲୋରର ମହୀଶୂର ଉଚ୍ଚ ନ୍ୟାୟାଳୟ (ପ୍ରଧାନ ବିଚାରପତି ମେଡପା ଏବଂ ବିଚାରପତି ବାସୁଦେବମୂର୍ତ୍ତି) ଙ୍କ 4 ଏପ୍ରିଲ, 1953 ର ରାୟ ଏବଂ ଆଦେଶ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ବରିଷ୍ଠ ଓକିଲ ଏମ୍. ରାମାସ୍ୱାମୀ (ତାଙ୍କ ସହ ବି. ନୀଳକାନ୍ତ) ଆବେଦନକାରୀଙ୍କ ପାଇଁ ।

ଭାରତର ଆଟର୍ଣ୍ଣି ଜେନେରାଲ ଏମ୍. ସି. ସେତାଲୱାଡ (ତାଙ୍କ ସହିତ ପୋରସ୍ ଏ. ମେହେଟ୍ଟା) ପ୍ରତିବାଦୀଙ୍କ ପାଇଁ ।

1953. ଡିସେମ୍ବର 16 । ନ୍ୟାୟାଳୟଙ୍କ ରାୟ ପ୍ରଧାନ ବିଚାରପତି ପତଞ୍ଜଳି ଶାସ୍ତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା:

ପ୍ରଧାନ ବିଚାରପତି ପତଞ୍ଜଳି ଶାସ୍ତ୍ରୀ- ବାଙ୍ଗାଲୋରର ଉଚ୍ଚ ନ୍ୟାୟାଳୟରେ ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ କରାଯାଇଥିବା ଆବେଦନଗୁଡିକ ମଧ୍ୟରୁ ଏହି ଦୁଇଟି ସଂଯୁକ୍ତ ଅପିଲ ଆସିଅଛି, ଯାହାକି ମହୀଶୂର ରାଜ୍ୟରେ ଆବେଦନକାରୀଙ୍କ ଦ୍ୱାରା 1950 ମସିହା ଏପ୍ରିଲ 1 ତାରିଖ ପୂର୍ବରୁ ଉପାର୍ଜିତ ହୋଇଥିବା ଆୟ ଉପରେ ବାଙ୍ଗାଲୋରର ସ୍ୱତନ୍ତ୍ର ସର୍ଭେ ସର୍କଲ ଆୟକର ଅଧିକାରୀଙ୍କ ଆୟକର ଏବଂ ଅଧି-କର ଆକଳନ କରିବାର ଅଧିକାରିତାକୁ ଆପତ୍ତି କରିଅଛି ଏବଂ ସେହି ଉଦ୍ଦେଶ୍ୟରେ ଉପଯୁକ୍ତ ରିଟ୍ ଜାରି କରିବା ପାଇଁ ଅନୁରୋଧ କରିଅଛି । ଆବେଦନଗୁଡିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ କରାଯାଇଥିଲା ଏବଂ ପୁନର୍ବିଚାର ପାଇଁ ନିବେଦନ କରିବାକୁ ଅନୁମତି ପ୍ରତ୍ୟାଖ୍ୟାନ କରାଯାଇଥିବାରୁ, ଆବେଦନକାରୀ ଏହି ନ୍ୟାୟାଳୟଙ୍କ ବିଶେଷ ଆବେଦନ ପତ୍ର ଦ୍ୱାରା ଏହି ନିବେଦନଗୁଡ଼ିକୁ ଆଣିଥିଲେ ।

ଏହା ସ୍ୱୀକାର କରିବାର ବିଷୟ ଯେ ମୂଲ୍ୟାଙ୍କନ କରୁଥିବା ଅଧିକାରୀ ଭାରତୀୟ ଆୟକର ଅଧିନିୟମ, 1922 ଅନୁଯାୟୀ ନିଯୁକ୍ତ ଜଣେ ଅଧିକାରୀ ଥିଲେ ଏବଂ ଏହିପରି ମୂଲ୍ୟାଙ୍କନ କରିବାରେ ସେ ମହୀଶୂର ରାଜ୍ୟରେ ବଳବତ୍ତର ଥିବା ଆୟକର ଆଇନକୁ 1948-49 ହିସାବ ବର୍ଷର ଶେଷ ପର୍ଯ୍ୟନ୍ତ ପ୍ରୟୋଗ କରୁଥିଲେ । ଅଧିକାରୀ ଜଣକ ଭାରତୀୟ ଅର୍ଥ ଅଧିନିୟମ, 1950 ର ଧାରା 13 ର ପ୍ରାବଧାନ ଅନୁଯାୟୀ ରାଜ୍ୟରେ ଅଧିକାରିତା ପ୍ରୟୋଗ କରୁଥିଲେ, ଯାହା ନିମ୍ନରେ ଉଲ୍ଲେଖ ଅଛି:-

ନିରସନଗୁଡିକ ଏବଂ ବ୍ୟାବୃତିଗୁଡିକ- (1) ଯଦି 1950 ମସିହା ଏପ୍ରିଲ 1 ତାରିଖର ଠିକ୍ ପୂର୍ବରୁ ଜାମ୍ମୁ-କାଶ୍ମୀର ବ୍ୟତୀତ ଅନ୍ୟ କୌଣସି 'ଖ' ଭାଗରେ ଥିବା ରାଜ୍ୟରେ କିମ୍ବା ମଣିପୁର, ତ୍ରିପୁରା କିମ୍ବା ବିନ୍ଧ୍ୟ ପ୍ରଦେଶରେ କିମ୍ବା କୁଚ୍-ବିହାରର ମିଶ୍ରଣ ହୋଇଥିବା ଅଞ୍ଚଳରେ ଆୟକର କିମ୍ବା ଅଧି-କର କିମ୍ବା ବ୍ୟବସାୟର ଲାଭ ଉପରେ କର ସମ୍ବନ୍ଧୀୟ କୌଣସି ଆଇନ ବଳବତ୍ତର ଥାଏ, ତେବେ ସେହି ଆଇନଟିର ପ୍ରଭାବ କେବଳ ଏହି ବ୍ୟତିକ୍ରମ ଛଡ଼ା ରହିତ ହେବ ଯେ ଆୟକର ଏବଂ ଅଧି-କର ଲାଗୁ, ଆକଳନ, ଏବଂ ସଂଗ୍ରହ ଉଦ୍ଦେଶ୍ୟରେ ଯେକୌଣସି ଅବଧି ଯାହାକି ପୂର୍ବ ବର୍ଷରେ ଭାରତୀୟ ଆୟକର ଅଧିନିୟମ, 1922 ରେ ମୂଲ୍ୟାଙ୍କନ ଉଦ୍ଦେଶ୍ୟରେ ଅନ୍ତର୍ଭୁକ୍ତ ହୋଇନି, 1951 ମସିହା ମାର୍ଚ୍ଚ 31 ତାରିଖରେ ଶେଷ ହେଉଥିବା ବର୍ଷ ପାଇଁ, କିମ୍ବା ପରବର୍ତ୍ତୀ କୌଣସି ବର୍ଷ ପାଇଁ, କିମ୍ବା, ଯାହା ହେଉନା କାହିଁକି, 1949 ମସିହା ମାର୍ଚ୍ଚ 31 ତାରିଖରେ କିମ୍ବା ତା' ପୂର୍ବରୁ ଶେଷ ହେଉଥିବା କୌଣସି ନିର୍ଦ୍ଦିଷ୍ଟ ଆୟ-ବ୍ୟୟର ଲେଖା ଅବଧି ପାଇଁ ବ୍ୟବସାୟର ଲାଭ ଉପରେ କର ଲାଗୁ, ଆକଳନ ଏବଂ ସଂଗ୍ରହ:

ଉଲ୍ଲେଖଥାଉକି, ଏପରି କୌଣସି ଆଇନରେ ଯେକୌଣସି ଅଧିକାରୀ, କର୍ତ୍ତୃପକ୍ଷ, ନ୍ୟାୟାଧିକରଣ କିମ୍ବା ନ୍ୟାୟାଳୟକୁ ଦିଆଯାଇଥିବା କୌଣସି ସନ୍ଦର୍ଭକୁ ଉକ୍ତ ଅଧିନିୟମ ଅନୁଯାୟୀ ନିଯୁକ୍ତ କିମ୍ବା ଗଠିତ ସମ୍ପୃକ୍ତ ଅଧିକାରୀ, କର୍ତ୍ତୃପକ୍ଷ, ନ୍ୟାୟାଧିକରଣ କିମ୍ବା ନ୍ୟାୟାଳୟର ବିଚାରର୍ଥେ ପ୍ରେରଣ ବୋଲି ବିବେଚନା କରାଯିବ ଏବଂ ଯଦି ସେ ବିଷୟରେ ଏପରି କୌଣସି ପ୍ରଶ୍ନ ଉଠେ କି ସେହି ଅନୁରୂପ ଅଧିକାରୀ, କର୍ତ୍ତୃପକ୍ଷ, ନ୍ୟାୟାଧିକରଣ କିମ୍ବା ନ୍ୟାୟାଳୟ, କିଏ ବୋଲି, ତେବେ କେନ୍ଦ୍ର ସରକାରଙ୍କ ନିର୍ଣ୍ଣୟ ଚୂଡ଼ାନ୍ତ ହେବ ।

ଏହା ଯୁକ୍ତି କରାଯାଇଛି ଯେ ଏହି ପ୍ରାବଧାନଟି କ୍ଷମତାତୀତ ଏବଂ ଅବୈଧ, କାରଣ ଭାରତର ସମ୍ବିଧାନ ଆରମ୍ଭ ହେବା ପୂର୍ବରୁ, ମହୀଶୂର ଆଇନ ଅନୁଯାୟୀ ଆୟକର ଧାର୍ଯ୍ୟ ଏବଂ ଅଧି-କର ଆଦାୟ, ମୂଲ୍ୟାଙ୍କନ ଏବଂ ସଂଗ୍ରହ କରିବା ନିମିତ୍ତ, ଭାରତୀୟ ଆୟକର ଅଧିନିୟମ,

1953
ଡି. ଆର୍. ମାଧବକ୍ରିଷ୍ଣାୟା
ବନାମ
ଆୟକର ଅଧିକାରୀ,
ବାଙ୍ଗାଲୋର
ପତଞ୍ଜଳି ଶାସ୍ତ୍ରୀ, ପ୍ରଧାନ
ବିଚାରପତି

1922 ଅନୁଯାୟୀ ନିଯୁକ୍ତ କିମ୍ବା ଗଠିତ କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷ କିମ୍ବା ନ୍ୟାୟାଧିକରଣ କିମ୍ବା ନ୍ୟାୟଳୟଙ୍କୁ କ୍ଷମତା ପ୍ରଦାନ କରୁଥିବା ଆଇନ ପ୍ରଣୟନ କରିବାକୁ କେନ୍ଦ୍ର ସଂସଦର କୌଣସି କ୍ଷମତା ନଥିଲା । ଏହି ବିବାଦ ଦୁଇଟି କାରଣ ଉପରେ ଆଧାରିତ:ଅର୍ଥାତ୍, ପ୍ରଥମତଃ, ସାଧାରଣ ସାମ୍ବିଧାନିକ ନୀତି ଆଧାରରେ, ସମ୍ବିଧାନ ପୂର୍ବର ଅବଧି ସମ୍ବନ୍ଧରେ କେନ୍ଦ୍ର ସଂସଦର ପିଛିଲା ପ୍ରଭାବ ପକାଉଥିବା କୌଣସି ଆଇନ ପ୍ରଣୟନ କରିବାର କ୍ଷମତା ନଥିଲା; ଏବଂ ଦ୍ୱିତୀୟତଃ, ସମ୍ବିଧାନର ଅନୁଚ୍ଛେଦ 277 ଦ୍ୱାରା କେନ୍ଦ୍ର ସଂସଦକୁ ଭାରତୀୟ ଆୟକର ଅଧିନିୟମ, 1922 ଅନୁଯାୟୀ ପ୍ରଦାନ କରାଯାଇଥିବା ଆକଳନ ଏବଂ ସଂଗ୍ରହ କରିବାର ପ୍ରାବଧାନକୁ ମହୀଶୂର ଆୟକର ଆଇନ ସହ ସଂଯୋଗ କରିଦେଇ ଏକ ଆଇନ ପ୍ରଣୟନ କରିବା ଉପରେ ଆବଶ୍ୟକ ଇଙ୍ଗିତ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଛି ।

ଏପର୍ଯ୍ୟନ୍ତ ପ୍ରଥମ ଆଧାରକୁ ବିଚାର କଲେ, ମାମଲାଟି ରାଜସ୍ଥାନ ମକଦ୍ଦମାରେ ପ୍ରଦାନ କରାଯାଇଥିବା ରାୟ ଦ୍ୱାରା ପରିଚାଳିତ ହୁଏ [ଭାରତ ସଂଘ ବନାମ ମଦନ ଗୋପାଳ କାବ୍ରା][1] । ଏବେ କେବଳ ଅନୁଚ୍ଛେଦ 277 ଉପରେ ଆଧାରିତ ଦ୍ୱିତୀୟ ଆଧାର ଉପରେ ପଦକ୍ଷେପ ନବା ବାକି ଅଛି । ସେହି ଅନୁଚ୍ଛେଦ ଏହା ପ୍ରକାଶ କରେ:

"କୌଣସି ଟିକସ, କର, ସେସ୍ କିମ୍ବା ଶୁଳ୍କ, ଯାହା ଏହି ସମ୍ବିଧାନର ପ୍ରାରମ୍ଭର ତୁରନ୍ତ ପୂର୍ବରୁ କୌଣସି ରାଜ୍ୟ ସରକାର କିମ୍ବା କୌଣସି ପୌରପାଳିକା କିମ୍ବା ଅନ୍ୟ ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ବ୍ୟକ୍ତିଙ୍କ ଦ୍ୱାରା ରାଜ୍ୟ, ପୌରପାଳିକା, ଜିଲ୍ଲା କିମ୍ବା ଅନ୍ୟ ସ୍ଥାନୀୟ ଅଞ୍ଚଳ ଉଦ୍ଦେଶ୍ୟରେ ଆଇନଗତ ଭାବରେ ଆଦାୟ କରାଯାଉଥିଲା, ସେହି ଟିକସ, କର, ସେସ୍ କିମ୍ବା ଶୁଳ୍କ କେନ୍ଦ୍ର ତାଲିକାରେ ଉଲ୍ଲେଖ ଥିବା ସତ୍ତ୍ୱେ, ସଂସଦ ଦ୍ୱାରା ପ୍ରଣୀତ ଆଇନ ଦ୍ୱାରା ଏହାର ବିପରୀତ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସେହି ଉଦ୍ଦେଶ୍ୟରେ ଧାର୍ଯ୍ୟ ଏବଂ ଲାଗୁ ହେବ" ।

ଏହା ଯୁକ୍ତି କରାଯାଇଥିଲା ଯେ, ଯେତେ ପର୍ଯନ୍ତ ଏହି ଅନୁଚ୍ଛେଦ କ୍ଷମତା ପ୍ରାଧିକୃତ କରେ, ଅନ୍ୟମାନଙ୍କ ମଧ୍ୟରେ, ସମ୍ବିଧାନର ଆରମ୍ଭ ପୂର୍ବରୁ ମହୀଶୂର ସରକାରଙ୍କ ଦ୍ୱାରା ଆଇନଗତ ଭାବରେ ଆଦାୟ କରାଯାଉଥିବା ଆୟକର ଏବଂ ଅଧି-କର, ସଂସଦ ପ୍ରଣୀତ ଆଇନ ଦ୍ୱାରା ବିପରୀତ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସମ୍ବିଧାନର ଆରମ୍ଭ ପରେ ମଧ୍ୟ ସେହି ଉଦ୍ଦେଶ୍ୟରେ ଆଦାୟ ଏବଂ ଲାଗୁ କରାଯିବ, ଏବଂ 1950 ମସିହା ଏପ୍ରିଲ 1 ତାରିଖ ପର୍ଯ୍ୟନ୍ତ ସଂସଦ ଦ୍ୱାରା ଏପରି

[1] Infra. P 541

କୌଣସି ଆଇନ ପ୍ରଣୟନ କରାଯାଇ ନଥିଲା, ଯେତେବେଳେ ଭାରତୀୟ ଅର୍ଥ ଅଧିନିୟମ, 1950 ପ୍ରଣୟନ କରାଯାଇଥିଲା, ଏହା ଆବଶ୍ୟକ ନିହିତାର୍ଥ ଦ୍ୱାରା ଅନୁସରଣ କରାଯାଇଥିଲା, ଏହିପରି ଟିକସ ଆଦାୟ, ମୂଲ୍ୟାଙ୍କନ ଏବଂ ସଂଗ୍ରହ ପାଇଁ ମହୀଶୂର ଆୟକର ଆଇନ ପ୍ରୟୋଗ କରାଯିବା ଆବଶ୍ୟକ ଏବଂ ଯେହେତୁ ଅନୁଚ୍ଛେଦ 245 ଦ୍ୱାରା ସଂସଦକୁ ପ୍ରଦତ୍ତ ବୈଧାନିକ କ୍ଷମତା, ଅନୁଚ୍ଛେଦ 277 ସମେତ, ସମ୍ବିଧାନର ଧାରା ଅଧୀନରେ ରହିଛି, ତେଣୁ ମହୀଶୂର ରାଜ୍ୟ ଉପରେ ଭାରତୀୟ ଆୟକର ଅଧିନିୟମ ଅନୁଯାୟୀ ନିଯୁକ୍ତ ଅଧିକାରୀ ଏବଂ କର୍ତ୍ତୃପକ୍ଷଙ୍କ ଟିକସ ଆଦାୟ, ଆକଳନ ଏବଂ ସଂଗ୍ରହ କରିବା ନିମିତ୍ତ ଆଇନ ପ୍ରଣୟନ କରିବା କ୍ଷମତା ସଂସଦର ନଥିଲା । ଏହି ତର୍କରେ ଆମେ କୌଣସି ଶକ୍ତି ଦେଖୁନାହୁଁ । ଯଦିଓ ଅନୁଚ୍ଛେଦ 277 ନିଃସନ୍ଦେହରେ ସମ୍ବିଧାନର ଆରମ୍ଭ ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଆଇନଗତ ଭାବରେ ଆଦାୟ କରାଯାଉଥିବା ଟିକସକୁ ଜାରି ରଖିବା ଏବଂ ସମ୍ବିଧାନ କାର୍ଯ୍ୟକାରୀ ହେବା ପରେ ମଧ୍ୟ ପୂର୍ବ ପରି ସମାନ ଉଦ୍ଦେଶ୍ୟରେ ସେଗୁଡ଼ିକର ପ୍ରୟୋଗକୁ ଅଧିକାର ଦେଇଥାଏ, ଅନୁଚ୍ଛେଦରେ ଏପରି କିଛି ନାହିଁ ଯାହା କୌଣସି ନିହିତାର୍ଥକୁ ସମର୍ଥନ କରି ଆଦେଶ କରେ ଯେ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଟିକସ ଆଦାୟ, ମୂଲ୍ୟାଙ୍କନ ଏବଂ ସଂଗ୍ରହ ସେହିପରି ଜାରି ରଖିବା ଉଚିତ ଯେପରି ସମ୍ବିଧାନ ପ୍ରଣୟନ ପୂର୍ବରୁ ଚାଲି ଆସୁଥିଲା । ଯେପରି ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଦର୍ଶାଇଥିଲେ, ମହୀଶୂର ଆୟକର ଅଧିନିୟମ ଅନୁଯାୟୀ ନିଯୁକ୍ତ ଅଧିକାରୀମାନେ କେବଳ ପୂର୍ବ ଆକଳନ ବର୍ଷଗୁଡିକ ସମ୍ବନ୍ଧରେ କାର୍ଯ୍ୟ ଜାରି ରଖିବା ନିଶ୍ଚିତ ଭାବରେ ଅସୁବିଧାଜନକ ଏବଂ ଅନାବଶ୍ୟକ ହୋଇଥାନ୍ତା ଯେବେ ସମକାଳୀନ ଭାବେ 1950 ମସିହା ଏପ୍ରିଲ୍ 1 ତାରିଖର ପରବର୍ତ୍ତୀ ବର୍ଷର ଆକଳନ ପାଇଁ ଭାରତୀୟ ଆୟକର ଅଧିନିୟମ ଅନୁଯାୟୀ ସେହି ରାଜ୍ୟରେ ନିଯୁକ୍ତ ଅଧିକାରୀମାନେ ମଧ୍ୟ କାର୍ଯ୍ୟ କରୁଥିଲେ । ଅର୍ଥବ୍ୟବସ୍ଥାର ଏକ ମାପକାଠି ଭାବେ ଏବଂ ସୁଗମ ଏବଂ ଦକ୍ଷ ପରିଚାଳନା ଉଦ୍ଦେଶ୍ୟରେ, ମହୀଶୂର ଆୟକର ଅଧିନିୟମକୁ ଭାରତୀୟ ଅର୍ଥ ଅଧିନିୟମ, 1950ର ଧାରା 13 ଦ୍ୱାରା ପ୍ରଦାନ କରାଯାଇଥିବା ମାର୍ଗରେ ଭାରତୀୟ ଆୟକର ଆଇନ ଦ୍ୱାରା ପ୍ରତିବଦଳ କରିବା ନିଶ୍ଚିତ ଭାବେ ଆବଶ୍ୟକ ଏବଂ ବାଞ୍ଛନୀୟ ଥିଲା । ଆମ୍ଭେ ସମ୍ବିଧାନର ଅନୁଚ୍ଛେଦ 277 ରେ ଏମିତି କିଛି ପାଇ ନାହୁଁ ଯାହା ସଂସଦକୁ ଭାରତୀୟ ଆୟକର ଅଧିନିୟମ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ମହୀଶୂର ଅଧିନିୟମ ଅନୁଯାୟୀ ଆୟକର ଏବଂ ଅଧି-କର ଆଦାୟ ଏବଂ ସଂଗ୍ରହ ପାଇଁ ଏକ ଆଇନ ପ୍ରଣୟନ କରିବାକୁ ବାରଣ କରେ । ତଦନୁସାରେ, ଆମେ ବିଚାର କରୁଛୁ ଯେ ବାଙ୍ଗାଲୋରର ସ୍ୱତନ୍ତ୍ର ସର୍ଭେ ସର୍କଲ ଆୟ ଅଧିକାରୀଙ୍କ ଏହା ଅଧିକରିତା ଥିଲା ଯେ ସେ ସମ୍ବିଧାନ

1953
ଡି. ଆର୍. ମାଧବକ୍ରିଷ୍ଣାୟା
ବନାମ
ଆୟକର ଅଧିକାରୀ,
ବାଙ୍ଗାଲୋର
ପତଞ୍ଜଳି ଶାସ୍ତ୍ରୀ, ପ୍ରଧାନ
ବିଚାରପତି

ଆରମ୍ଭ ପୂର୍ବ ସମୟରେ ଆବେଦନକାରୀଙ୍କ ସମ୍ପତ୍ତିକୁ ଆୟକର ଏବଂ ଅଧି-କର ପାଇଁ ଆକଳନ କରି ପାରିବେ ।

ଆବେଦନଗୁଡ଼ିକ ଅକୃତ କାର୍ଯ୍ୟ ହୋଇଛି ଏବଂ ଏଗୁଡ଼ିକୁ ଖର୍ଚ୍ଚ ସହିତ ଖାରଜ କରାଗଲା ।

ଆବେଦନଗୁଡିକୁ ଖାରଜ କରାଗଲା ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: ଏମ.ଏସ.କେ. ଶାସ୍ତ୍ରୀ ।

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: ଜି. ଏଚ. ରାଜାଧ୍ୟକ୍ଷ ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***
ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।